**ସଂକ୍ଷେପରେ**

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

ଖଇରା, ୨୦।୭(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ବଡଜୟୀପୁର ପଞ୍ଚାୟତ ଅଧୀନ ବାଣପୁର ଗ୍ରାମର ନିରଞ୍ଜନ ପରିଙ୍କ ପୁଅ ଚନ୍ଦ୍ରକାନ୍ତ (୧୮) ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ଚନ୍ଦ୍ରକାନ୍ତ ସୋମବାର ସକାଳେ ଗାଁକଡ କେନାଲ ନିକଟରେ ଥିବା ଜାମୁକୋଳି ଗଛ ଉପରକୁ ଚଢିଥିବା ବେଳେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ସଜନାଗଡ଼, ୨୦।୭(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କାଠଗୋଛି ଗ୍ରାମର ଜଟା ସିଂ (୪୬) ସୋମବାର ଘରପାଖ ଚାଷଜମିକୁ ଶୌଚ ପାଇଁ ଯାଇଥିବା ବେଳେ ଏକ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ସେ ଜୋରରେ ଚିତ୍କାର କରିବାରୁ ଭାଲୁଟି ତାଙ୍କୁ ଖଣ୍ଡିଆଖାବରା କରି ରକ୍ତାକ୍ତ ଅବସ୍ଥାରେ ଛାଡ଼ି ପଳାଇଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ତାଙ୍କର ଜଣେ ସହଯୋଗୀଙ୍କୁ ପଠାଇ ପରିବାର ଲୋକଙ୍କ ସହ ଆଲୋଚନା କରି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ଖବରଦାତାଙ୍କୁ କରୋନା, ସାନିଟାଇଜ୍ ହେଲା ଡାକ୍ତରଖାନା

ବୈଶିଙ୍ଗା,୨୦।୭(ଡି.ଏନ୍.ଏ.)-ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଞ୍ଚଳର ଜଣେ ଖବରଦାତା କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶନିବାର ସେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ସହ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲକୁ ନେଇଯିବା ପାଇଁ କୁହା ଯାଇଥିଲା। ମାତ୍ର ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଛନ୍ତି। ରବିବାର ତାଙ୍କର ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଥିଲା। ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଡାକ୍ତର,ଫାର୍ମାସିଷ୍ଟ ଏବଂ ନର୍ସମାନଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇ ସଙ୍ଗରୋଧ କେନ୍ଦ୍ରକୁ ପଠାଇ ଦିଆଯାଇଛି। ସମଗ୍ର ଡାକ୍ତରଖାନା ପରିସରକୁ ସାନିଟାଇଜ୍ ମଧ କରାଯାଇଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଚିତ୍ରଡ଼ା,୨୦।୭(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ନୂଆସାହି ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସୋମବାର ତାଙ୍କ ମୃତଦେହକୁ ରାସ୍ତା ପାର୍ଶ୍ୱ ପାଣିଖାଲରୁ ଚିତ୍ରଡ଼ା ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ମୃତକ ହେଲେ ସେହି ଗ୍ରାମର ବାପି ସିଂ(୨୪)। ପରିବାର ଲୋକଙ୍କ କହିବା ଅନୁଯାୟୀ ରବିବାର ସନ୍ଧ୍ୟାରେ ବାପି ଶୌଚ ଲାଗି ନିକଟସ୍ଥ ପଡ଼ିଆକୁ ଯାଇଥିଲେ। ଦୀର୍ଘ ସମୟ ପରେ ସେ ନ ଫେରିବାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ସୋମବାର ସକାଳେ ପରିବାର ଲୋକ ରାସ୍ତା ପାର୍ଶ୍ୱ ଖାଲରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଏକ ଅପମୃତ୍ୟୁ ମାମଲା (ନଂ.୨୭/୨୦୨୦) ରୁଜୁ ହୋଇଛି।

## ସାପ କାମୁଡ଼ାରେ ଚାଷୀ ମୃତ

ସୋର,୨୦।୭(ଡି.ଏନ୍.ଏ.)- ବାଲେଶ୍ୱର ଜିଲା ସୋର ଥାନା ଅଧୀନ ପାଖର ପଞ୍ଚାୟତ ଖେରଣା ଗ୍ରାମରେ ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଜେନ୍ଦ୍ର ମହାଳିକ (୫୫)। ରବିବାର ଅପରାହ୍ନରେ ସ୍ତ୍ରୀ ଓ ପୁଅଙ୍କ ସହ ବିଲରେ ଧାନ ତଳି ରୋଉ ଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଏଯାଏ ସୁଧୁରିନି ଜୀବନଜୀବିକା

କେନ୍ଦୁଝର, ୨୦।୭(ସ୍ୱ.ପ୍ର.)



ବନବାସୀମାନେ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରୁଛନ୍ତି।

**କରୋନା କଟକଣାରେ ପେଷି ହେଉଛନ୍ତି ଗରିବ, ବନବାସୀ**

କେନ୍ଦୁଝର ଜିଲାର ଗରିବ ଓ ବନବାସୀ କରୋନା କଟକଣାରେ ପେଷି ହୋଇ ପଡ଼ିଛନ୍ତି। କଟକଣା କୋହଳ କରାଯାଉଥିଲେ ହେଁ ଉପଯୁକ୍ତ ଯାତାୟାତ ସୁବିଧା ନ ଥିବା ଏବଂ ପ୍ରଶାସନିକ ନିଷ୍ପତ୍ତି ବିଷୟରେ ଜାଣିପାରୁ ନ ଥିବା କାରଣରୁ ସେମାନଙ୍କ ଜୀବନଜୀବିକା ସୁଧୁରୁନି। ଏବେ ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା ହେବା ପରେ ଚାଲି ଚାଲି ଆସି ବିକ୍ରିବଟା କରୁଥିବା ବନବାସୀଙ୍କ ରୋଜଗାର ଠପ୍ ହୋଇ ଯାଇଛି। ପ୍ରତ୍ୟେକ ଦିନ ଏହି ବନବାସୀମାନେ ବିଭିନ୍ନ ପ୍ରକାର ବନଜାତ ଦ୍ରବ୍ୟ ଯଥା କାଠ, ଦାନ୍ତକାଠି, ପତ୍ର, ଫଳମୂଳ, କୋଳି, ପାହାଡ଼ିଆ ପନିପରିବା, ଛତୁ, ଫୁଲ, ଝୁଣା, ମହୁଲ, ଶାଳ ମଞ୍ଜି, ଟୁଳ, କାଇ, କୁରୁକୁଟି ଭଳି ଖାଦ୍ୟ ଉପଯୋଗୀ କୀଟପତଙ୍ଗ ଆଣି ସହର ଓ ଗ୍ରାମାଞ୍ଚଳ ହାଟବଜାରରେ ବିକି ଦି'ପଇସା ରୋଜଗାର କରିଥାନ୍ତି। ସେଥିରେ ତେଲ, ଲୁଣ, ଲୁଗାପଟା ଆଦି କିଣି ନେଇ ଚଳନ୍ତି। ତେବେ କରୋନା କଟକଣା ଯୋଗୁ ସେମାନେ ବିକ୍ରିବଟା କରିପାରୁ ନ ଥିବାରୁ ଆର୍ଥିକ ସଙ୍କଟ ମଧ୍ୟରେ ରହୁଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, କେନ୍ଦୁଝର ଜିଲାର ୧୩ଟି ବ୍ଲକ ମଧ୍ୟରୁ ୧୦ଟି ବ୍ଲକ ଆଦିବାସୀ ବହୁଳ। ବଣପାହାଡ଼ ଘେରା ଗ୍ରାମର ଅଧିବାସୀମାନେ ଜୀବନଜୀବିକା ପାଇଁ ବିଶେଷ କରି ଜଙ୍ଗଲ ଓ ପାହାଡ଼ ଉପରେ ନିର୍ଭରଶୀଳ। ବହୁ ଲୋକ ଚାଲି ଚାଲି ଆସନ୍ତି କିନ୍ତୁ ଅନେକ ଲୋକ ବସ୍, ଅଟୋ ଆଦି ଉପରେ ନିର୍ଭରଶୀଳ। ତେବେ ସେସବୁ ଚଳାଚଳ ହେଉ ନ ଥିବାରୁ ଅନେକ ସେମାନଙ୍କ ଉତ୍ପାଦିତ ବା ସଂଗୃହୀତ ସାମଗ୍ରୀ ଧରି ହାଟବଜାରକୁ ଆସି ପାରୁ ନାହାନ୍ତି। ଏଣୁ ଅନେକ ଫଳମୂଳ, ପନିପରିବା ବିକ୍ରିବଟା ହୋଇ ନ ପାରି ନଷ୍ଟ ହେଉଛି। ଅନେକ ସମୟରେ ବେପାରୀ ପହଞ୍ଚି ବହୁତ କମ୍ ଦରରେ ଆଣି ହାଟବଜାରରେ ଚଢା ଦରରେ ବିକୁଛନ୍ତି। ବେପାରୀ ମାଲାମାଲ ହେଉଥିବା ବେଳେ ବନବାସୀମାନେ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛନ୍ତି। ପ୍ରଶାସନ ସେମାନଙ୍କ ସମସ୍ୟାକୁ ଅଣଦେଖା କରୁଛି ବୋଲି ଖବରଦାତା ତଥା ସାମାଜିକ କର୍ମୀ ପ୍ରଦୀପ ମହାନ୍ତି କହିଛନ୍ତି।

ଆଦିବାସୀମାନେ ସବୁବେଳେ ଅବହେଳିତ ହୋଇ ରହୁଛନ୍ତି। କରୋନା ସମୟରେ ସେମାନଙ୍କ ସମସ୍ୟା ଓ ଦୁଃଖ ବୁଝିବାକୁ କେହିନାହିଁ। ଏପରିକି ଲୋକ ପ୍ରତିନିଧିମାନେ ପରିଦର୍ଶନ କରୁ ନ ଥିବାରୁ ଜିଲା ପ୍ରଶାସନ ଏନେଇ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକତା ରହିଛି ବୋଲି ଆଦିବାସୀ ନେତା ତଥା ବରିଷ୍ଠ ଆଇନଜୀବୀ କୈଳାସ ନାୟକ କହିଛନ୍ତି। ଆଦିବାସୀମାନେ ହେଉଛନ୍ତି ସରଳ ଲୋକ। ସରକାରୀ ନୀତିନିୟମକୁ ମାନିଥାନ୍ତି। ଏଣୁ ଭୋକ ଉପାସରେ ରହୁଥିଲେ ହେଁ କଟକଣାକୁ ମାନି ଘରେ ରହିଛନ୍ତି। ଏଣୁ ସେମାନଙ୍କ ସମସ୍ୟାକୁ ପ୍ରଶାସନ ଗୁରୁତ୍ୱ ଦେଇ ଅନୁଧ୍ୟାନ କରିବା ଉଚିତ ବୋଲି ସାମାଜିକ କର୍ମୀ ଦୀପକ କୁମାର ପତି କହିଛନ୍ତି।

କରୋନା କଟକଣା ଯୋଗୁ ଦୁର୍ଗମ ଅଞ୍ଚଳରେ ରହୁଥିବା ଆଦିବାସୀ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଗାଡ଼ି ଚଳାଚଳ ହେଉ ନ ଥିବା ଏବଂ କଟକଣା ଲାଗି ଯାତାୟତ କରି ପାରୁନାହାନ୍ତି। କରୋନା କଟକଣା ଆଳରେ ସରକାରୀ ବାବୁମାନେ ଗ୍ରସ୍ତ କରୁ ନ ଥିବାରୁ ସେମାନଙ୍କ ସମସ୍ୟା ଅପହଞ୍ଚ ହୋଇ ରହିଛି ବୋଲି ବରିଷ୍ଠ ଆଇନଜୀବୀ ଚନ୍ଦନ ମିଶ୍ର କହିଛନ୍ତି।

## ଜମିକୁ ନେଇ ଗଣ୍ଡଗୋଳ, ୩ ଗୁରୁତର

ବାହାନଗା, ୨୦।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖନ୍ତାପଡା ଥାନା ରେମୁଣା ବ୍ଲକ ତାଳପଦା ପଞ୍ଚାୟତର ୧ ନମ୍ବର ୱାର୍ଡ ପାହି ଗ୍ରାମର ଏକ ବିବାଦୀୟ ଚାଷ ଜମିକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଗଣ୍ଡଗୋଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଥିବା ବେଳେ ଅନ୍ୟ ୨ଜଣ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଖନ୍ତାପଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୋମବାର ସକାଳେ ବିଜୟ କୁମାର ଗୋଛାୟତ ଓ ତାଙ୍କ ପରିବାର ପାହି ଗ୍ରାମ ନିକଟରେ ଥିବା ଚାଷ ଜମିରେ କାମ କରୁଥିବା ବେଳେ ପ୍ରତିପକ୍ଷ ତାଳପଦା ଗ୍ରାମର ଧରେନ୍ଦ୍ର ଦାସ, ତାଙ୍କ ପରିବାର ଲୋକେ ଓ ସମର୍ଥକ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ବିଜୟଙ୍କ ସମେତ ତାଙ୍କ ସାନ ଭାଇ ବିପୁଲ, ସାନ ଭାଇଙ୍କ ପତ୍ନୀ ଉମାରାଣୀ, ମା' ଶଶୀବାଳା, ଅନ୍ୟଜଣେ ମହିଳା ମାନସୀ ଆକ୍ରମଣର ଶିକାର ହୋଇଛନ୍ତି। ସେମାନଙ୍କ ମୁଣ୍ଡକୁ ଭୁଜାଲିରେ ଆଘାତ କରାଯିବା ସହ ଉମାରାଣୀଙ୍କ ବେକରେ ଥିବା ସୁନାଚେନକୁ ଛଡାଇ ନିଆଯାଇଥିବା ଖନ୍ତାପଡା ଥାନାରେ ଅଭିଯୋଗ କରାଯାଇଛି। ଏହି ଜମିରେ ପୁନର୍ବାର ଚାଷ କଲେ ଘର ପୋଡିଦେବେ ବୋଲି ଧମକ ଦେଇଥିବା ଥାନାରେ ବିଜୟ ଅଭିଯୋଗ କରିଛନ୍ତି।

## ବ୍ଲକ କର୍ମଚାରୀ କରୋନା ସଂକ୍ରମିତ

ଖଇରା, ୨୦।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ଜଣେ ଅଧିକାରୀ କରୋନାରେ ସଂକ୍ରମିତ ହେବା ପରେ ବ୍ଲକର ଅନ୍ୟ କର୍ମଚାରୀ ଓ ବିଭିନ୍ନ କାମରେ ଆସୁଥିବା ଜନସାଧାରଣଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ଅଧିକାରୀ ଜଣକ ସଂକ୍ରମିତ ହେବାର ୭୦ଘଣ୍ଟା ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଅନ୍ୟ ସରକାରୀ ଅଫିସ ତହସିଲ, ମ୍ୟୁନିସପାଲିଟିରେ କର୍ମଚାରୀ ସଂକ୍ରମିତ ହେବାମାତ୍ରେ କଡା ପଦକ୍ଷେପ ନିଆଯାଉଥିଲେ ହେଁ ଏପର୍ଯ୍ୟନ୍ତ ଆବଦ୍ଧାଞ୍ଚଳ ଘୋଷଣା କରା ନ ଯିବା ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏଭଳିକି ସୋମବାର ଜନସାଧାରଣଙ୍କ ଯାତାୟାତ ପୂର୍ବଭଳି ଚାଲୁ ରହିଥିବା ବେଳେ ବ୍ଲକ କର୍ମଚାରୀମାନଙ୍କ ବୈଠକ ମଧ୍ୟ ପୂର୍ବଭଳି ଚାଲୁ ରହିଛି। ଏ ସମ୍ପର୍କରେ ବିଡିଓ ଦେବେନ୍ଦ୍ର ବଳଙ୍କୁ ପଚାରିବାରେ ବ୍ଲକ ବନ୍ଦ କରାଯିବା ସମ୍ଭବ ନୁହେଁ। ଖୁବଶୀଘ୍ର ବିଶୋଧନ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି।

## ଜଳସେଚନ ବ୍ୟାହତ, ଦାବିପତ୍ର ଦେଲେ ଚାଷୀ

କେନ୍ଦୁଝର, ୨୦।୭(ସ୍ୱ.ପ୍ର.)

ତେଲକୋଇ ବ୍ଲକ ହାଲପୋଡି ଗ୍ରାମରେ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇଦେବାକୁ ସୋମବାର ଚାଷୀ ମାନେ ଜିଲା ପ୍ରଶାସନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଗ୍ରାମର ପାଖାପାଖି ତିନିଶହ ହେକ୍ଟର ଚାଷ ଜମିକୁ ଜଳ ସେଚନ ପାଇଁ ହନୁମନ୍ତିଆ ନାଳରେ ମହାଦେଇଠାରେ ଏକ ବନ୍ଧ ନିର୍ମାଣ ହୋଇଛି। ତେବେ ଉକ୍ତ ଗ୍ରାମରେ ଏକ ରାସ୍ତାରେ କଲଭର୍ଟ ନିର୍ମାଣ କରାଯିବା ଫଳରେ କେନାଲରେ ପାଣି ଆସୁନାହିଁ। ଏଣୁ ଏନେଇପଦକ୍ଷେପ ନେବାକୁ ଲକ୍ଷ୍ମୀଧର ପ୍ରଧାନଙ୍କ ନେତୃତ୍ୱରେ ଚାଷୀମାନେ ଦାବିପତ୍ର ପ୍ରଦାନ କରିଛନ୍ତି।

## ୫ଦିନ ପରେ ଗାଁ କୂଅରୁ ମିଳିଲା ମୃତଦେହ

କେନ୍ଦୁଝର, ୨୦।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଭଇଁରପୁର ଗ୍ରାମପଞ୍ଚାୟତ ଚଷାଟାଙ୍ଗିରି ଗ୍ରାମର ଶକୁନ୍ତଳା ସାହୁ ଆଜକୁ ୫ଦିନ ହେବ ନିଖୋଜ ଥିଲେ। ଯାହାକୁ ନେଇ ପରିବାର ଲୋକେ ଶକୁନ୍ତଳାଙ୍କୁ ଅନେକ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନ ପାଇବାରୁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ସନ୍ଧାନ କରି ପାଇନଥିଲା। ସୋମବାର ସକାଳ ସମୟରେ ଗାଁ ମଧ୍ୟରେ ଥିବା ଏକ କୂଅରେ ଶକୁନ୍ତଳାଙ୍କ ମୃତଦେହ ଭାସୁଥିବାର ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରିବା ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଜାରି ରଖିଛି।

## ପୋଖରୀରେ ବୁଡ଼ି ନାବାଳକ ମୃତ

କେନ୍ଦୁଝର,୨୦।୭(ସ୍ୱ.ପ୍ର.)

ପୋଖରୀ ପାଣିରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା ପଳାଶପଙ୍ଗା ପଞ୍ଚାୟତ ମୁରୁସୁଆଁ ନାଏକ ସାହିର ସମୀର ନାଏକ। ସୂଚନା ଅନୁଯାୟୀ ସୋମବାର ୧୦ଟାବେଳେ ସମୀର ଗ୍ରାମର ହନୁମାନ ଛକ ନିକଟସ୍ଥ କାନକଟା ପୋଖରୀରେ ଏକୁଟିଆ ଗାଧୋଉଥିଲେ। ସେହି ସମୟରେ ବାତ ମାରିବାରୁ ସେ ପାଣି ଭିତରେ ବୁଡ଼ି ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପଳାଶପଙ୍ଗା ପୋଲିସ ଅଧିକାରୀ ଶିବପ୍ରସାଦ ଆଇଚ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ.୪୧/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ବାଇକ୍‌ରୁ ପଡ଼ି ଯୁବକ ମୃତ

ରାଇରଙ୍ଗପୁର,୨୦।୭(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ଇଚିଣ୍ଡା- ଠାକୁରାଣୀ ବସ୍ତି ରାସ୍ତାରେ ରବିବାର ରାତିରେ ବାଇକ୍‌ରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇଚିଣ୍ଡା ବସ୍ତିର ରୋହିତ ରାମ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୧୧/୨୦୨୦) ରୁଜୁ ହୋଇଛି। ଯୁବକଜଣକ ବାଇକ୍ ନେଇ ଆସୁଥିବା ବେଳେ ଭାରସାମ୍ୟ ହରାଇ ପଡିଯାଇଥିଲେ।



ତହସିଲଦାର ଶାରୀଶୁଆ ପାହାଡ ସଂଲଗ୍ନ କ୍ରଶର ପରିଦର୍ଶନ କରୁଛନ୍ତି।

## ଖଣି ପରିଦର୍ଶନ କଲେ ଉପଜିଲାପାଳ

ଖଇରା, ୨୦।୭(ଡି.ଏନ.ଏ.)

ବାଲେଶ୍ୱର ଉପଜିଲାପାଳ ପଟେଲ ଆଶିଷ ଈଶ୍ୱର ସୋମବାର ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡର ବିଭିନ୍ନ ଖଣି ଓ ପାହାଡ ସଂଲଗ୍ନ ଗ୍ରାମଗୁଡିକରେ ଥିବା ବିଭିନ୍ନ କ୍ରଶରଗୁଡିକ ଯାଞ୍ଚ କରି ଫେରିଛନ୍ତି। ପରିଦର୍ଶନ ପାଇଁ ଉପଜିଲାପାଳ ପହଞ୍ଚିବା ପୂର୍ବରୁ ଖଣି ମାଫିଆମାନେ ନିଜର ମେଶିନ ସହ ପାହାଡ ଭିତରେ ଲୁଚି ଯାଇଥିଲେ। କେବଳ ଶାରିଶୁଆ-କୁପାରୀ ରାସ୍ତାକଡ ଜମିରେ କାମ କରୁଥିବା ଏକ ଜେସିବି ମେଶିନକୁ ଉପଜିଲାପାଳ ଜବତ କରି ପରେ ଜରିମାନା ଆଦାୟ କରି ଛାଡି ଦେଇଥିଲେ। ଏହାପରେ ଉପଜିଲାପାଳ ଖଇରା ତହସିଲ କାର୍ଯ୍ୟାଳୟକୁ ଯାଇ ଗ୍ରୀନ ଟ୍ରିବ୍ୟୁନାଲର ରାୟ ସହ ଖଣି ଖୋଳା ସମ୍ବନ୍ଧୀୟ ବିଭିନ୍ନ କାଗଜପତ୍ର ତନଖି କରିଥିଲେ। ଉପଜିଲାପାଳଙ୍କ ସହ ତହସିଲଦାର ପ୍ରଦୀପ କୁମାର ସାହୁ ଓ ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳେଶ୍ୱର ମ୍ୟୁନିସିପାଲିଟିରେ ଶଟ୍‌ଡାଉନ୍‌କୁ ଫୁ

ଜଳେଶ୍ୱର, ୨୦।୭(ସ୍ୱ.ପ୍ର.)

**ଜିଲାପାଳଙ୍କ ଅସନ୍ତୋଷ**

ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକାର ବିଭିନ୍ନ ସ୍ଥାନରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ପୂର୍ବରୁ ୫ଦିନ ଓ ଏବେ ୭ଦିନ ଜିଲାପାଳ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଜଳେଶ୍ୱର ମ୍ୟୁନିସିପାଲଟିର ୭ ପ୍ରବେଶ ପଥ ବାରିକେଡ ହୋଇଥିବାରୁ କେବଳ ୬୦ନଂ. ଜାତୀୟ ରାଜପଥ ଭଇଁର ହସ୍‌ପିଟାଲଠାରେ ପୋଲିସ୍ ପକ୍ଷରୁ ଚେକିଂ କରାଯାଇ ଗମନାଗମନ ସୁବିଧା କରାଯାଇଛି। ପୂର୍ବରୁ ୫ଦିନ ଶଟ୍‌ଡାଉନ୍ ପରେ ଶୁକ୍ରବାର ଜଳେଶ୍ୱର ବଜାରରେ ପ୍ରବଳ ଭିଡ଼ ଅନୁଭୂତ ହୋଇଥିଲା। ଶନିବାର ଓ ରବିବାର ଶଟ୍‌ଡାଉନ୍ ପରେ ସୋମବାର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଡେଲି ମାର୍କେଟ ବଡ଼ବଜାରଠାରୁ ଷ୍ଟେଶନ ରାସ୍ତାକଡ଼ରେ ବ୍ୟବସାୟୀମାନେ ପରିବା ବିକ୍ରି କରିବା ଆରମ୍ଭ କରିଛନ୍ତି। ସଚେତନତାର ଅଭାବ ଓ ଲୋକଙ୍କୁ ଲଗାମ୍ ନ ଥିବାରୁ ପ୍ରବଳ ଭିଡ଼ ଯୋଗୁ ଜିଲାପାଳ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ଅଚାନକ ପହଞ୍ଚି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## କରୋନା ସଚେତନତା ରାଲି

ସୋର,୨୦।୭(ଡି.ଏନ୍.ଏ.)

ବାଲେଶ୍ୱର ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଜିଲାବାସୀ ଭୟ ମଧ୍ୟରେ କାଳାତିପାତ କରୁଛନ୍ତି। ଭୟ ନ କରି ସତର୍କ ରହିବାକୁ ସୋର ପୋଲିସ ଓ ପ୍ରଶାସନ ପକ୍ଷରୁ ସୋମବାର ନିଆରା ପଦକ୍ଷେପ ଗ୍ରହଣ କରାଯାଇଛି। ଉଭୟ ପୋଲିସ ଓ ପ୍ରଶାସନ ପକ୍ଷରୁ ମିଳିତ ବାଇକ୍ ରାଲି ଏବଂ ଫ୍ଲାଗ୍‌ମାର୍ଚ୍ଚ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଜିଲା ପ୍ରଶାସନ ପରାମର୍ଶରେ ଆୟୋଜିତ କାର୍ଯ୍ୟକ୍ରମରେ ସୋର ତହସିଲଦାର ଡ. ଅଶୋକ କୁମାର ଦାସ, ଥାନା ଭାରପ୍ରାପ୍ତ ଅଧିକାରୀ ମଧୁମିତା ମହାନ୍ତି, ବିଡିଓ ସୁଶାନ୍ତ କୁମାର ବାରିକ ଓ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡାଙ୍କ ନେତୃତ୍ୱରେ ଥାନା ପରିସରରୁ ଏକ ବାଇକ୍ ରାଲି ବାହାରିଥିଲା। ସୋର କଲେଜ ଛକ, ଛତ୍ରପୁର ଛକ ସହ ମୁଖ୍ୟ ବଜାର ଦେଇ ଅନନ୍ତପୁର ଫାଣ୍ଡି ନିକଟରେ ରାଲି ପହଞ୍ଚି ଡାକବାଜି ଯନ୍ତ୍ର ଯୋଗେ ସଂକ୍ରମଣ କିପରି ନ ବ୍ୟାପିବ ସେନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ନିହାତି ଆବଶ୍ୟକତା ନ ଥିଲେ ବାହାରକୁ ନ ବାହରିବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା ଉପରେ ଗୁରୁତ୍ୱ ଦେବା ସହ ସାନିଟାଇଜର ବ୍ୟବହାର ଓ ବାହାରୁ ଘରକୁ ଫେରିଲେ ପ୍ରଥମେ ହାତ ଧୋଇବା ଉପରେ ମଧ ଲୋକଙ୍କୁ ସଚେତନ କରାଯାଇଥିଲା।


ପୋଲିସ ଓ ପ୍ରଶାସନ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।

# ଭଦ୍ରକ: ଦିନକରେ ୫୮ ପଜିଟିଭ

**ଆକ୍ରାନ୍ତଙ୍କ ମଧ୍ୟରେ ୭ କରୋନା ଯୋଦ୍ଧା**

ଭଦ୍ରକ ଅଫିସ, ୨୦।୭

ଭଦ୍ରକ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୋମବାର ଗୋଟିଏ ଦିନରେ ୫୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୮୧ ଛୁଇଁଛି। ସେମାନଙ୍କ ମଧ୍ୟରୁ ୩୦୩ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୭୮ ଜଣ ଚିକିତ୍ସାଧିନ ଥିବା କୁହାଯାଇଛି। ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୩୮ଜଣ ସଙ୍ଗରୋଧରେ ଥିବା ବେଳେ ୧୩ ଜଣ ସ୍ଥାନୀୟ ସଂକ୍ରମଣ ବୋଲି କୁହାଯାଇଛି। ଜିଲାରୁ ପ୍ରଥମକରି ୭ ଜଣ ପୋଲିସ କର୍ମଚାରୀ କରୋନା ଆକ୍ରାନ୍ତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଆକ୍ରାନ୍ତମାନେ ଭଦ୍ରକ ପୌରପାଳିକା ବାଇପାସ କାନ୍ତକବି ନଗର, ଚରମ୍ପା ରାଇସ୍ ମିଲ୍, ଧାମନଗର ପୋଲିସ କଲୋନୀ, ୧୧ନଂ. ୱାର୍ଡ଼ ସାଓନ ବଜାର, ଚାନ୍ଦବାଲି ବିଜୟନଗର ପଞ୍ଚାୟତ ପୋଖରୀସାହି, ଭଦ୍ରକ ପୌରପାଳିକା ବଙ୍କସାହି, ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ଓ ବାରିକପୁର, ରହଣିଆ ପଞ୍ଚାୟତ ଖଡ଼ିଗାଁ, ଭଦ୍ରକ ବାଉଦପୁର, ଭଦ୍ରକ ପୌରାଞ୍ଚଳ ଅପର୍ତ୍ତିବିନ୍ଧା, ତିହିଡ଼ି ବ୍ଲକ ତଳଦୁମୁକା, ଶ୍ୟାମସୁନ୍ଦରପୁର, ଚରମ୍ପା ଶଙ୍କସାହି(ହନୁମାନ ହାଟ), ବାସୁଦେବପୁରର କିସ୍ମତକୃଷ୍ଣପୁର, ଧାମନଗର ଏନ୍‌ଏସି ଓ ଶ୍ୟାମପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଚିହ୍ନଟ ରୋଗୀମାନଙ୍କ ଅଞ୍ଚଳକୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଭାବେ କଟକଣା ଜାରି କରାଯାଇଛି। ସୂଚନାଥାଉ କି ଜିଲା ପ୍ରଶାସନ ପକ୍ଷରୁ ଭଦ୍ରକ ପୌରପାଳିକା ଓ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରି ଅଧିକରୁ ଅଧିକ ସ୍ୱାବ୍ ପରୀକ୍ଷା କରାଯାଉଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କେନ୍ଦୁଝରରେ ୨୪, ବାଲେଶ୍ୱରରେ ୧୩ ଓ ମୟୂରଭଞ୍ଜରେ ଜଣେ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

**ହୋମ୍ କ୍ୱାରାଣ୍ଟାଇନରେ ବହୁ ସରକାରୀ କର୍ମଚାରୀ**

ଭଦ୍ରକ ଜିଲାରେ କରୋନା ସଂକ୍ରମଣ ତାଲିକାରେ ବହୁ ସରକାରୀ କର୍ମଚାରୀ ରହିଛନ୍ତି। ଫଳରେ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ତାଲା ପକାଇ ଦିଆଯାଇଛି। ଭଦ୍ରକ ପୌରପାଳିକା, ଜିଲା ଚିକିତ୍ସାଳୟ, ଧାମନଗର ଥାନା, ଭଦ୍ରକ ତହସିଲ କାର୍ଯ୍ୟାଳୟ, ଭଦ୍ରକ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆକ୍ରାନ୍ତ ଚିହ୍ନଟ ହେବା ପରେ ବହୁ ସରକାରୀ କର୍ମଚାରୀ ଏବେ ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି। ଏପରିକି ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ମଧ୍ୟ ନିଜେ ହୋମ୍ କ୍ୱାରାଣ୍ଟାଇନରେ ରହିଥିବା ଜଣାପଡ଼ିଛି।

